सम्बाद

ସମ୍ବାଦ
ତାରିଖ: ୨୬.୦୮.୨୦୨୩

# ବିଆଇଆଇଟିଏମ୍‌ରେ ସ୍ପାର୍କ-୨୦୨୩

ଚନ୍ଦ୍ରଶେଖରପୁର, ୨୫/୮(ଇମିସ): ବିଜୁ ପଟ୍ଟନାୟକ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇନଫର୍ମେସନ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜ୍‌ମେଣ୍ଟ ଷ୍ଟଡିଜ୍ (ବିଆଇଆଇଟିଏମ୍)ରେ 'ସ୍ପାର୍କ-୨୦୨୩' ଅନୁଷ୍ଠିତ ହୋଇଛି। ଶିକ୍ଷାନୁଷ୍ଠାନ ଅଧ୍ୟକ୍ଷ ପ୍ରଫେସର ମିହିର ରଞ୍ଜନ ନାୟକ ଉତ୍ସବକୁ ଉଦ୍‌ଘାଟନ କରି ଛାତ୍ରଛାତ୍ରୀଙ୍କୁ ଅନୁଷ୍ଠାନର ଶୈକ୍ଷିକ ବାତାବରଣ, ଶୃଙ୍ଖଳା ଓ ଶିକ୍ଷାଦାନ ବିଷୟରେ ସୂଚନା ଦେବା ସହ ସୁନାଗରିକ ହେବା ପାଇଁ ଶପଥ ପାଠ କରାଇଥିଲେ। ଓୟୁଟିଆର କୁଳପତି ପ୍ରଫେସର ବିଭୂତିଭୂଷଣ ବିଶ୍ୱାଳ ମୁଖ୍ୟ ଅତିଥି, କିଟ୍ ବିଶ୍ୱବିଦ୍ୟାଳୟ ପ୍ରଫେସର ମୃତ୍ୟୁଞ୍ଜୟ ସୁଆର ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରିଥିଲେ। ପ୍ଲେସ୍‌ମେଣ୍ଟ ମୁଖ୍ୟ କେ. ଚନ୍ଦ୍ରଶେଖର ଭାବପ୍ରବଣ ଓ ପ୍ରେରଣାଦାୟକ ଜ୍ଞାନ ଉପରେ ଆଲୋକପାତ କରିଥିଲେ। ପି ଅହମ୍ମଦ ଖାନ ଓ ଶୋଭା ଜେନାଙ୍କ ମାର୍ଗଦର୍ଶନ ଏହି କାର୍ଯ୍ୟକ୍ରମକୁ ସଫଳ କରିଥିଲା। ପ୍ରଜ୍ଞା ମହାପାତ୍ର ଓ ଶର୍ମିଳା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।